# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 06th June – 2026

*********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଅର୍ଥନୈତିକ ପରାମର୍ଶଦାତା ପରିଷଦ ବୈଠକ ଅନୁଷ୍ଠିତ ।

- ସମ୍ବଲପୁରଠାରେ ୩ଟି ଅନ୍ତର୍ଜାତୀୟ ସ୍ତରର ଫୁଟ୍‌ବଲ୍ ପଡ଼ିଆ ପ୍ରସ୍ତୁତ ନେଇ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ।

- ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶାର ସଫଳତାକୁ ବ୍ରିକ୍ସ ରାଷ୍ଟ୍ରସମୂହର ସ୍ୱୀକୃତି ।

ଏବଂ

- କାଳବୈଶାଖୀ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତ ସହ ବର୍ଷା ।

*Desk*

# ପି.ଏମ୍. - ଅର୍ଥନୈତିକ ବୈଠକ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆଜି ଅର୍ଥନୈତିକ ପରାମର୍ଶଦାତା ପରିଷଦ ବୈଠକ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଯାଇଛି । ବୈଶ୍ୱିକ ଅସ୍ଥିରତା ମଧ୍ୟରେ ଦେଶର ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ ବିଭିନ୍ନ ଚିନ୍ତାଧାରା ଓ ପଦକ୍ଷେପ ସମ୍ପର୍କରେ ବୈଠକରେ ପ୍ରଧାନମନ୍ତ୍ରୀ ପରିଷଦର ସଦସ୍ୟମାନଙ୍କ ସହ ମତବିନିମୟ କରିଛନ୍ତି । ଜୀବନଧାରଣ ମାନରେ ସହଜତା ଏବଂ ବ୍ୟାବସାୟିକ କ୍ଷେତ୍ରକୁ ଅଧିକ ସଶକ୍ତ କରିବା ପାଇଁ ଆବଶ୍ୟକ ବିଭିନ୍ନ ସଂସ୍କାର ମୂଳକ ପଦକ୍ଷେପ ଉପରେ ମଧ୍ୟ ବୈଠକରେ ବିଚାର ବିମର୍ଷ କରାଯାଇଛି । ପଶ୍ଚିମ ଏସିଆ ସଂଘର୍ଷ ପରିସ୍ଥିତିରେ ଭାରତ ତଥା ବିଶ୍ୱ ଉପରେ ପଡୁଥିବା ପ୍ରଭାବ ସମ୍ପର୍କିତ ବିଭିନ୍ନ ତଥ୍ୟ ପରିଷଦର ସଦସ୍ୟମାନେ ବୈଠକରେ ଉପସ୍ଥାପନ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶର ଅର୍ଥନୈତିକ ରୂପାନ୍ତରଣ ଏବଂ ଦୀର୍ଘକାଳୀନ ବିକାଶର ଯାତ୍ରା ଉପରେ ପ୍ରାଥମିକତା ପ୍ରଦାନ ନେଇ ବିଭିନ୍ନ ପ୍ରସଙ୍ଗରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି । ସଂସ୍କାର ମୂଳକ ଯାତ୍ରାକୁ ଅଧିକ ଗତିଶୀଳ କରିବା ସହିତ ଜୀବନଧାରଣ ମାନରେ ଉନ୍ନତି ଏବଂ ବ୍ୟାବସାୟିକ ସହଜତାକୁ ସୁନିଶ୍ଚିତ କରିବା ନେଇ ସଦସ୍ୟମାନେ ବୈଠକରେ ମତପୋଷଣ କରିଥିଲେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

***Sambalpur/R***

# ମୁଖ୍ୟମନ୍ତ୍ରୀ – ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିନିକିଆ ସମ୍ବଲପୁର ଗସ୍ତକରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମ୍ବଲପୁର ଫୁଟ୍‌ବଲ୍ ଏକାଡେମୀ ପରିସରରେ ୧୫ କୋଟି ଟଙ୍କା ବ୍ୟୟରେ ୩ଟି ପୂର୍ଣ୍ଣାଙ୍ଗ ଅନ୍ତର୍ଜାତୀୟ ଫୁଟ୍‌ବଲ୍ ପଡ଼ିଆ ପ୍ରସ୍ତୁତ କରିବାପାଇଁ ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ସମ୍ବଲପୁର ଫୁଟ୍‌ବଲ୍ ଏକାଡେମୀକୁ ବିଶ୍ୱସ୍ତରୀୟ କରାଇବାପାଇଁ ସରକାର ପ୍ରୟାସ ଜାରି ରଖିଛନ୍ତି । ଖେଳାଳୀଙ୍କୁ ସେଠାରେ ବିଭିନ୍ନ ଅତ୍ୟାଧୁନିକ ସ୍ତରର ପ୍ରଶିକ୍ଷଣ ପ୍ରଦାନ କରାଯିବ ।  ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶର କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବାପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

***Voice (CM)*** :.......

କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ, ବିଧାୟକ ଜୟନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

***BBSR/R***

# ଏଗ୍ରି–ପି.ଭି.

ଭୁବନେଶ୍ୱରଠାରେ ନୀତି ନିର୍ଦ୍ଧାରକ, ଶକ୍ତି ବିଶେଷଜ୍ଞଙ୍କୁ ନେଇ ଓଡ଼ିଶାରେ ଜଳବାୟୁ ସହନଶୀଳ ଅଭିବୃଦ୍ଧିପାଇଁ ଏଗ୍ରି–ପି.ଭି.ର ସମ୍ପ୍ରସାରଣ

ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରି କହିଛନ୍ତି, ଏଗ୍ରି-ପି.ଭି. ରାଜ୍ୟର ସ୍ୱଚ୍ଛଶକ୍ତି ଲକ୍ଷ୍ୟକୁ ଆଗକୁ ବଢ଼ାଇବା ସହିତ ଚାଷୀଙ୍କ ଆୟବୃଦ୍ଧି କରିବ । ବିକଶିତ ଓଡ଼ିଶା ଅଧୀନରେ ଏକ ଜଳବାୟୁ ସହନଶୀଳ ଏବଂ ଚାଷୀକୈନ୍ଦ୍ରିକ ମଡେଲ୍ ସୃଷ୍ଟି ହୋଇପାରିବ ବୋଲି ଶ୍ରୀ ସିଂହଦେଓ କହିଛନ୍ତି । ଏହି ଅବସରରେ ଦୀର୍ଘକାଳୀନ ଶକ୍ତି ଯୋଜନାପାଇଁ ଓଡ଼ିଶା ରାଜ୍ୟ ଶକ୍ତି କାର୍ଯ୍ୟ ଯୋଜନା - ଓସେପା ୱେଭ୍ ପ୍ଲାଟ୍‌ଫର୍ମର ଶୁଭାରମ୍ଭ, ଗଞ୍ଜାମ ଜିଲ୍ଲାର ସୋନପୁର ଓ ଗୋପାଳପୁରଠାରେ ପବନ ସମ୍ପଦ ଆକଳନ ମାଷ୍ଟ ଉଦ୍‌ଘାଟିତ ହୋଇଯାଇଛି । କାର୍ଯ୍ୟକ୍ରମର ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ ଯୋଗଦେଇ ରାଜ୍ୟରେ ବଦଳୁଥିବା ଶକ୍ତି ଆବଶ୍ୟକତାକୁ ପୂରଣ କରିବାପାଇଁ ଅକ୍ଷୟ ଶକ୍ତି, ସଂରକ୍ଷଣ ଏବଂ ତଥ୍ୟ ଆଧାରିତ ଯୋଜନାର ସାମଗ୍ରିକ ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ ।

***Deogarh, Baragarh/R***

## ଏସ୍.ଆଇ.ଆର୍. - ତାଲିମ୍

ଦେବଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାରକୋଟ, ରିଆମାଳ, ତିଲେଇବଣି ବ୍ଲକ୍‌ର ୭୩ ଜଣ ବୁଥ୍‌ସ୍ତରୀୟ ଏଜେଣ୍ଟଙ୍କୁ ତାଲିମ୍ ପ୍ରଦାନ କରାଯାଇଛି । ସ୍ୱତନ୍ତ୍ର ସଘନ ସଂଶୋଧନରେ ପ୍ରତ୍ୟେକ ଯୋଗ୍ୟ ମତଦାତାଙ୍କ ନାମକୁ ଭୋଟର୍ ତାଲିକାରେ ଯୋଗ କରିବା ଏବଂ ଅଯୋଗ୍ୟ

ଭୋଟରଙ୍କ ନାମକୁ ତାଲିକାରୁ ବାଦ୍‌ଦେବା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା ।

ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ସମ୍ପର୍କରେ ଜନ ସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ ବରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ସମ୍ବଲପୁରୀ ପାରମ୍ପରିକ ପୋଷାକରେ ସଜ୍ଜିତ ୨ ମାସ୍କଟ ସୁଗନ୍ଧା ଓ ନିର୍ମଳ ଯୁବ ଭୋଟରମାନଙ୍କୁ ଭୋଟର୍ ତାଲିକାର ଗୁରୁତ୍ୱ ସମ୍ପର୍କରେ ସଚେତନ କରିବା ସହ ତ୍ରୁଟିଶୂନ୍ୟ ଭୋଟର୍ ତାଲିକା ପ୍ରସ୍ତୁତିପାଇଁ ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କୁ ସହଯୋଗ କରିବାକୁ ଆହ୍ୱାନ ଦେଇଛନ୍ତି ।

ମାଲକାନଗିରି ଜିଲ୍ଲାରେ ଏସ୍.ଆଇ.ଆର୍. ସମ୍ପର୍କିତ ସଚେତନତା ରଥ ପରିକ୍ରମା କରୁଛି । କ୍ଷେତ୍ରସ୍ତରୀୟ କାର୍ଯ୍ୟର ଅଗ୍ରଗତିକୁ ନେଇ ପୌରପାଳିକା ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ ଭୋଟର୍ ତାଲିକା ପ୍ରସ୍ତୁତି, ଯୋଗ୍ୟ ହିତାଧିକାରୀଙ୍କ ନାମ ସାମିଲ୍ ଉପରେ ଗୁରୁତ୍ୱ ଦିଆଯାଇଛି । ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ’ ନିର୍ବାଚନ ମଣ୍ଡଳୀର ବିଭିନ୍ନ ପୌରାଞ୍ଚଳ ଗସ୍ତ କରି କାର୍ଯ୍ୟର ତଦାରଖ କରିଛନ୍ତି ।

କନ୍ଧମାଳ ଜିଲ୍ଲାରେ ଏସ୍.ଆଇ.ଆର୍. ସମ୍ପର୍କିତ ସଚେତନତା ସୃଷ୍ଟିପାଇଁ ଜିଲ୍ଲାପାଳ ଜନସାଧାରଣଙ୍କୁ କୁଇ ଭାଷାରେ ସଚେତନ କରାଇଛନ୍ତି । ଭୋଟର୍ ତାଲିକା କାର୍ଯ୍ୟରେ ନିୟୋଜିତ ଥିବା ଅଧିକାରୀମାନଙ୍କୁ ସହଯୋଗ କରିବାକୁ ଜିଲ୍ଲାପାଳ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି ।

**Desk**

# ବ୍ରିକ୍ସ - ସାମ୍ବାଦିକ ସମ୍ମିଳନୀ

ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶାର ସଫଳତାକୁ ବ୍ରିକ୍ସ ରାଷ୍ଟ୍ରସମୂହର ସ୍ୱୀକୃତି ମିଳିଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ଭୁବନେଶ୍ୱର ଲୋକସେବା ଭବନଠାରେ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ-ଏନ୍.ଡି.ଏମ୍.ଏ. ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ - ଓସ୍‌ଡମାର ମିଳିତ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ଶ୍ରୀ ପୂଜାରୀ କହିଛନ୍ତି, ପୁରୀରେ ଆୟୋଜିତ ବ୍ରିକ୍ସ ବିପର୍ଯ୍ୟୟ ବିପଦ ହ୍ରାସ କାର୍ଯ୍ୟଗୋଷ୍ଠୀର ବୈଠକ ସଫଳତାର ସହ ଶେଷ ହୋଇଛି । ବୈଠକରେ ବିପର୍ଯ୍ୟୟ ପ୍ରତିରୋଧ କ୍ଷମତା, ନୂତନ ଜ୍ଞାନକୌଶଳ, ପାରସ୍ପରିକ ସହଯୋଗ, ସମନ୍ୱୟ ଓ ନିରନ୍ତର ଧାରଣୀୟ ବିକାଶ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହି ଅବସରରେ ରାଜ୍ୟ ପକ୍ଷରୁ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଅନୁସରଣ କରାଯାଉଥିବା ପ୍ରାକ୍ ସୂଚନା ବ୍ୟବସ୍ଥା, ବାତ୍ୟା ପ୍ରସ୍ତୁତି, ସୁରକ୍ଷିତ ସ୍ଥାନାନ୍ତରଣ ଏବଂ ଗୋଷ୍ଠୀଭିତ୍ତିକ ପରିଚାଳନା ଉପରେ ଉପସ୍ଥାପନ କରାଯାଇଥିଲା । ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶାର ଉଲ୍ଲେଖନୀୟ ସଫଳତାକୁ ବିଶ୍ୱ ପ୍ରତିନିଧିମାନେ ପ୍ରଶଂସା କରିବା ସହିତ ଶୂନ୍ୟ ଜୀବନହାନି ଲକ୍ଷ୍ୟ ହାସଲରେ ରାଜ୍ୟର ନିରନ୍ତର ପ୍ରୟାସକୁ ସ୍ୱୀକୃତି ଦେଇଛନ୍ତି । ଶ୍ରୀ ପୂଜାରୀ କହିଛନ୍ତି :

***Voice (Suresh Pujari)*** *:........*

*Kendrapara/R*

## ଅନୁପ୍ରବେଶ - ପାଟ୍ରୋଲିଂ

କେନ୍ଦ୍ରାପଡ଼ା ଜିଲ୍ଲାର ଉପକୂଳବର୍ତ୍ତୀ ଅଞ୍ଚଳରେ ବିଦେଶୀ ନାଗରିକଙ୍କ ଅନୁପ୍ରବେଶକୁ ଦୃଷ୍ଟିରେ ରଖି ଜିଲ୍ଲାର ବିଭିନ୍ନ ସ୍ଥାନରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ପୁଲିସ୍ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶ ଅନୁଯାୟୀ ଜିଲ୍ଲାର ମହାକାଳପଡ଼ା, ରାଜନଗର ବ୍ଲକ୍‌ରେ ଥିବା ତାଳଚୁଆ, ତନ୍ତିଆପାଳ, ଜମ୍ବୁ ଆଦି ସାମୁଦ୍ରିକ ଥାନା ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କାଟାରିଆ ସମୀକ୍ଷା କରିଛନ୍ତି । ଥାନା ପରିସରରେ ଥିବା ସାମୁଦ୍ରିକ ଜଳପଥରେ ୨୪ ଘଣ୍ଟିଆ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ସମସ୍ତ ଥାନାକୁ ଅତିରିକ୍ତ ପୁଲିସ୍ କର୍ମଚାରୀ ଯୋଗାଇ ଦିଆଯାଇଛି ।

*Keonjhar/R*

## ରଥଯାତ୍ରା - ପ୍ରସ୍ତୁତି ବୈଠକ

କେନ୍ଦୁଝରର ଆରାଧ୍ୟ ଦେବତା ଶ୍ରୀଶ୍ରୀବଳଦେବଜିଉଙ୍କ ପବିତ୍ର ରଥଯାତ୍ରା ସମ୍ପର୍କିତ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ବିଶାଲ୍ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଦେବସ୍ନାନ ପୂର୍ଣ୍ଣିମାଠାରୁ ଆରମ୍ଭ କରି ଜୁଲାଇ ୨୬

ତାରିଖରେ ମହାପ୍ରଭୁଙ୍କ ଶ୍ରୀମନ୍ଦିର ବିଜେ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଶୃଙ୍ଖଳିତ ଭାବେ କରିବାପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ବୈଠକରେ ଆରକ୍ଷୀ ଅଧୀକ୍ଷକ, ସେବାୟତଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

***Deogarh/R***

# ସରକାର - ୨ ବର୍ଷ ପୂର୍ତ୍ତି ପ୍ରସ୍ତୁତି

ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଉପଲକ୍ଷେ ଦେବଗଡ଼ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଜନ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆସନ୍ତା ୧୨ରୁ ୨୦ ତାରିଖ ପର୍ଯ୍ୟନ୍ତ ଜିଲ୍ଲାବ୍ୟାପୀ ବିଭିନ୍ନ ପ୍ରଦର୍ଶନୀ, ଆଲୋଚନା ଚକ୍ର ଏବଂ ସାଧାରଣ ସଭା ଆୟୋଜନ କରାଯିବ ବୋଲି ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ କହିଛନ୍ତି ।

***Kendrapara/R***

# ସ୍ୱାସ୍ଥ୍ୟ ତାଲିମ କାର୍ଯ୍ୟକ୍ରମ

ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ମାତୃସ୍ୱାସ୍ଥ୍ୟ ବିଭାଗ ଓ କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ମିଳିତ ଆନୁକୂଲ୍ୟରେ ମାତୃସ୍ୱାସ୍ଥ୍ୟ ସମ୍ପର୍କିତ ଏକ ଆଭାସୀ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ

ଜିଲ୍ଲାର ୧ ହଜାର ୫୩୬ ଜଣ ଆଶାକର୍ମୀ, ୨ ହଜାର ୧୪୭ ଜଣ ଅଙ୍ଗନୱାଡ଼ି କର୍ମୀଙ୍କ ସମେତ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ସ୍ୱାସ୍ଥ୍ୟକର୍ମୀ, ୪ ହଜାରରୁ ଊର୍ଦ୍ଧ୍ୱ କ୍ଷେତ୍ର କର୍ମଚାରୀ ଅଂଶଗ୍ରହଣ କରିଥିଲେ ।

***Deogarh/R***

## ପି.ଓ.ଏ. ଆଇନ - ବୈଠକ

ଦେବଗଡ଼ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁସୂଚିତ ଜାତି ଓ ଜନଜାତି ଲୋକଙ୍କ ପାଇଁ ଜିଲ୍ଲାସ୍ତରୀୟ ସତର୍କତା ଓ ଅତ୍ୟାଚାର ନିବାରଣ - ପି.ଓ.ଏ. ଆଇନ-୧୯୮୯ ସମ୍ପର୍କରେ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅନୁସୂଚିତ ଜାତି ଓ ଜନଜାତି ସମ୍ପ୍ରଦାୟର ଲୋକଙ୍କୁ ନ୍ୟାୟ ଏବଂ ସମାନତା ଦେବା ଉପରେ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

***Bhadrak/R***

## ମୁଖ୍ୟମନ୍ତ୍ରୀ ଟ୍ରଫି

ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡ଼ିଆରେ ଦୁଇଦିନିଆ ମୁଖ୍ୟମନ୍ତ୍ରୀ ଟ୍ରଫି ପ୍ରତିଯୋଗିତା ଆରମ୍ଭ ହୋଇଛି। ଫୁଟବଲ, ଭଲିବଲ୍,

ଖୋଖୋ, କବାଡ଼ି ଆଦି ପ୍ରତିଯୋଗିତାରେ ୭ଟି ଜିଲ୍ଲାର ୧୧୦ ଜଣ ବାଳକ ଏବଂ  ବାଳିକା ଅଂଶଗ୍ରହଣ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ କାର୍ଯ୍ୟକ୍ରମରେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଛନ୍ତି।

***Met.***

# ପାଣିପାଗ

କାଳବୈଶାଖୀ ପ୍ରଭାବରେ କଟକ ଓ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ବଜ୍ରପାତ ସହ ପ୍ରବଳ ବର୍ଷା ହୋଇଯାଇଛି । ବର୍ଷା ପବନରେ ବିଭିନ୍ନ ସ୍ଥାନରେ ଗଛ ପଡ଼ି ଯାତାୟାତ ବାଧାପ୍ରାପ୍ତ ହୋଇଛି । ଅଗ୍ନିଶମ ବିଭାଗର କର୍ମଚାରୀମାନେ ରାସ୍ତା ସଫା କାର୍ଯ୍ୟରେ ନିୟୋଜିତ ଅଛନ୍ତି । କାଳବୈଶାଖୀ ବର୍ଷା ପ୍ରଭାବରେ ତାପମାତ୍ରା ହ୍ରାସ ପାଇବା ସହ ଗରମ ଓ ଗୁଳୁଗୁଳିରୁ ଆଶ୍ୱସ୍ତି ମିଳିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ହେବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

ଅନ୍ୟପକ୍ଷରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆସନ୍ତା ଏକ ସପ୍ତାହ ମଧ୍ୟରେ ଓଡ଼ିଶା ଉପକୂଳ ଛୁଇଁବା ନେଇ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି । ମୌସୁମୀ ଅଗ୍ରସର ନେଇ ପାଗ ଅନୁକୂଳ ରହିଛି ।

******